# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,ପୁରୀ

**(ସଂସ୍କୃତି ବିଭାଗ)**

**ସଂଖ୍ୟା: ୮୨୯/ସଂସ୍କୃତି,ତା: ୧୮.୦୯.୨୦୨୫**

## କୋଟେସନ (Quotation)

ଏତଦ୍ ଦ୍ୱାରା ଇଚ୍ଛୁକ ବ୍ୟବସାୟୀ/ସଂସ୍ଥା ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ହବିଷ୍ୟାଳି କାର୍ତ୍ତିକ ବ୍ରତ ଯୋଜନା-୨୦୨୫ ଅଧୀନରେ କାର୍ତ୍ତିକ ବ୍ରତ ପାଳନ କରିବାକୁ ଆସୁଥିବା ହବିଷ୍ୟାଳି ମାନଙ୍କ ଉପଲକ୍ଷେ ନିୟୋଜିତ ହୋଇଥିବା ବିଭିନ୍ନ ବିଭାଗର କର୍ମଚାରୀ/ସେଚ୍ଛାସେବୀ ଇତ୍ୟାଦି ମାନଙ୍କ ପାଇଁ ନିମ୍ନ ଲିଖିତ ଆଶ୍ରୟସ୍ଥଳୀ ମାନଙ୍କରେ ତା.୦୭.୧୦.୨୦୨୪ ରିଖ ଠାରୁ ତା.୦୫.୧୧.୨୦୨୪ ରିଖ ପର୍ଯ୍ୟନ୍ତ ସକାଳ ଘ.୦୯ ଟିକା ମଧ୍ୟରେ ଜଳଖିଆ ପୁଡିଆ ଯଥା: ବରା-୦୨ ଗୋଟି, ସିଙ୍ଗଡା-୦୨ ଗୋଟି, ଆଳୁଚପ-୦୧ ଗୋଟି, ମିଠା-୦୧ ଗୋଟି / ନିରାମିଷ ପେଟିଶ / ଉପମା ଏବଂ ମଟର ଇତ୍ୟାଦି (ସର୍ବାଧିକ ୩୦ ଟଙ୍କା ମୂଲ୍ୟ) ଦୈନିକ ୩୫୦ ଜଣଙ୍କ ପାଇଁ ପୁଡିଆ ପ୍ରସ୍ତୁତ କରି ଯୋଗାଇଦେବା ନିମନ୍ତେ କୋଟେସନ(Quotation) ଆହ୍ୱାନ କରାଯାଉଛି ।

ଇଛୁକ ବ୍ୟକ୍ତି ନିଜ ସଂସ୍ଥାର ପ୍ୟାଡରେ ଜଳଖିଆ ପୁଡିଆର ଏକକ, ଦ୍ରବ୍ୟ(ସମସ୍ତ ଶୁଳ୍କ ସହ) ପ୍ରତି ଦର ଉଲ୍ଲେଖ କରି ଜଉମୁଦ ଦିଆ ଲଫାପା ଯୋଗେ ତା.୧୯.୦୯.୨୦୨୫ ରିଖ ପୂର୍ବାହ୍ନ ୧୦.୦୦ ଠାରୁ ତା-**୨୫.୧୦.୨୦୨୫** ରିଖ **ଅପରାହ୍ନ ଘ ୦୩.୦୦ଟିକା** ସୁଦ୍ଧା ପ୍ରଦାନ କରିବେ । ଦରଖାସ୍ତ ସହିତ BANK DRAFT (ଜିଲ୍ଲା ନିଜାରତ ଅଧିକାରୀ, ପୁରୀ) କିମ୍ବା ନଗଦ ଆକାରରେ **ଟ.୫୦୦/-ଙ୍କା** କୋଟେସନ ଦେୟ(Quotation Charge ଏହା ଫେରସ୍ତ ନୁହେ) ବାବଦକୁ ଜିଲ୍ଲା ନିଜାରତ ଅଧିକାରୀ, ପୁରୀଙ୍କ କାର୍ଯ୍ୟାଳୟରେ ଜମା ଦେଇ କୋଟେସନ (Quotation) ପେପର ସହ ସଂପୃକ୍ତ ବ୍ୟବସାୟୀ/ସଂସ୍ଥାର food license, GST ପଞ୍ଜୀକରଣ ସାର୍ଟିଫିକେଟ, PAN କାର୍ଡ ଆଦିର ନକଲ Self Attested କରି ଦାଖଲ କରିବେ । ଏହା ସହିତ ସଂପୃକ୍ତ ବ୍ୟବସାୟୀ/ସଂସ୍ଥା ସରକାରଙ୍କ ଦ୍ୱାରା କଳା ତାଲିକାଭୁକ୍ତ ହୋଇ ନାହାନ୍ତି ବୋଲି ଏକ ଘୋଷଣାନାମା ଦେବେ ।

ଧାର୍ଯ୍ୟ ସମୟ ସୁଦ୍ଧା ମିଳିଥିବା କୋଟେସନ ଗୁଡିକ ତା- **୨୫.୧୦.୨୦୨୫** ରିଖ **ଅପରାହ୍ନ ଘ ୦୩.୩୦ ଟିକା** ରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ଠାରେ ସମ୍ପୃକ୍ତ କୋଟେସନ ଦାତା କିମ୍ବା ତାଙ୍କର ପ୍ରାଧିକୃତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯିବ । ସର୍ବନିମ୍ନ ମୂଲ୍ୟ ଗ୍ରହଣ କରିବା ପାଇଁ କର୍ତ୍ତୃପକ୍ଷ ବାଧ ନୁହଁନ୍ତି । ଚୟନ ହୋଇଥିବା ବ୍ୟବସାୟୀ security deposit ବାବଦରେ **ଟ.୩୦,୦୦୦/-(ତିରିଶି ହଜାର ଟଙ୍କା)** ଅମାନତ ରଖାଯିବ ଏବଂ ଉକ୍ତ ରାଶି ସନ୍ତୋଷଜନକ ଯୋଗାଣ ତଥା ହବିଷ୍ୟାଳି ବ୍ରତ ଶେଷ ପରେ ଫେରସ୍ତ କରାଯିବ । କୌଣସି କାରଣ ନ ଦର୍ଶାଇ, କର୍ତ୍ତୃପକ୍ଷ ଯେକୌଣସି କିମ୍ବା ସମସ୍ତ କୋଟେସନ ରଦ୍ଦ କରିପାରିବେ । (କୋଟେସନ)quotation ଉପରେ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଚୂଡାନ୍ତ ଅଟେ ।

**ହବିଷ୍ୟାଳି ଙ୍କ ଆଶ୍ରୟସ୍ଥଳୀ**

୧. ବୃନ୍ଦାବତୀ ନିବାସ, ନରେନ୍ଦ୍ର କୋଣ, ପୁରୀ
୨. ବଗଲା ଧର୍ମଶାଳା, ବଡଦାଣ୍ଡ, ପୁରୀ
୩. ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ, ପୁରୀ.
୪. ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ, ପୁରୀ

**ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟକଲ) ପୁରୀ**

ଜ୍ଞାପକ ସଂଖ୍ୟା: ୮୨୨ /ସଂସ୍କୃତି, ତାରିଖ. ୧୮.୦୮.୨୦୨୫

ଏହାର ଏକକିତା ନକଲ ଜିଲ୍ଲାପାଳ, ପୁରୀଙ୍କ ସଦୟ ଅବଗତି ନିମନ୍ତେ ତାଙ୍କ ବ୍ୟକ୍ତିଗତ ସହାୟକଙ୍କ ନିକଟକୁ ପ୍ରେରଣ କରାଗଲା ।

**ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟକଲ),ପୁରୀ**

ଜ୍ଞାପକ ସଂଖ୍ୟା: ୮୨୩ /ସଂସ୍କୃତି, ତାରିଖ. ୧୮.୦୮.୨୦୨୫

ଏହାର ଏକକିତା ନକଲ ଜିଲ୍ଲା ନିଜାରତ ଅଧିକାରୀ, ପୁରୀଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ଜଣାଇ ଦିଆଗଲା।

**ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟକଲ),ପୁରୀ**

ଜ୍ଞାପକ ସଂଖ୍ୟା: ୮୨୪/ସଂସ୍କୃତି, ତାରିଖ. ୧୮.୦୮.୨୦୨୫

ଏହାର ବହୁଳ ପ୍ରସାର ନିମନ୍ତେ ଏକକିତା ନକଲ, ଶ୍ରୀ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ / ଆରକ୍ଷୀ ଅଧୀକ୍ଷକ, ପୁରୀ/ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ପୁରୀ/ ଉପଜିଲ୍ଲାପାଳ, ପୁରୀ/ କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୁରୀ ପୌରସଂସ୍ଥା, ପୁରୀ/ତହସିଲଦାର, ପୁରୀ/ ମଣ୍ଡଳ ଉନ୍ନୟନ ଅଧିକାରୀ, ପୁରୀ/ଜିଲ୍ଲା ସୂଚନା & ଲୋକ ସମ୍ପର୍କ ଅଧିକାରୀ, ପୁରୀଙ୍କ ନୋଟିସ ବୋର୍ଡରେ ପ୍ରଦର୍ଶିତ କରିବା ପାଇଁ ପ୍ରେରଣ କରାଗଲା ।

**ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟକଲ),ପୁରୀ**

ଜ୍ଞାପକ ସଂଖ୍ୟା: ୮୨୫/ସଂସ୍କୃତି, ତାରିଖ. ୧୮.୦୮.୨୦୨୫

ଏହାର ଏକକିତା ନକଲ DeGM,ପୁରୀଙ୍କ ଅବଗତି ଓ ୱେବସାଇଟରେ ପରିବେଷଣ କରାଯିବ ପାଇଁ ପ୍ରେରଣ କରାଗଲା ।

**ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟକଲ),ପୁରୀ**